# NATIONAL NEWS BULLETIN (ODIA)

## 08th December - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ଲାଲ୍‌କିଲ୍ଲାଠାରେ ଆଜିଠାରୁ ଆରମ୍ଭ ହେଉଛି ଆଇ.ସି.ଏଚ୍.ର ବିଂଶତମ ଅଧିବେଶନ ।

— ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିରଳ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

- ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲୋକସଭାରେ ଆଜି ହେବ ସ୍ୱତନ୍ତ୍ର ଆଲୋଚନା ।
- ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ନୂଆଦିଲ୍ଲୀରେ ଆଜି ଆରମ୍ଭ ହେବ ଭାରତ-ୟୁରୋପୀୟ ସଂଘର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ।
- ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ଘଟଣାରେ ୪ ଜଣ ଗିରଫ ।

ଏବଂ

- ଏ.ଆଇ.ଏଫ୍.ଏଫ୍. ସୁପର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଟାଇଟଲ ହାସଲ କଲା ଏଫ୍.ସି. ଗୋଆ ।

## ୟୁନେସ୍କୋ - ହେରିଟେଜ୍

ନୂଆଦିଲ୍ଲୀର ଲାଲ୍‌କିଲ୍ଲାରେ ଆଜିଠାରୁ ବିରଳ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ସଂକ୍ରାନ୍ତ ଆନ୍ତଃ ସରକାରୀ କମିଟି-ଆଇ.ସି.ଏଚ୍.ର ବିଂଶତମ ଅଧିବେଶନ ଆରମ୍ଭ ହେବ । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନ ୟୁନେସ୍କୋରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଏବଂ ସ୍ଥାୟୀ ପ୍ରତିନିଧି ବିଶାଲ ଭି. ଶର୍ମା ଅଧ୍ୟକ୍ଷତା କରିବେ । ଚଳିତ ବର୍ଷ ୟୁନେସ୍କୋ ଭାରତର ବିରଳ ଐତିହ୍ୟ ତାଲିକାପାଇଁ ଆଲୋକ, ଭ୍ରାତୃତ୍ୱ, କରୁଣା ଏବଂ ସାମୂହିକ ଉତ୍ସବର ପର୍ବ ଦୀପାବଳିକୁ ମନୋନୀତ କରିଛି । କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି, ପୂର୍ବରୁ ସ୍ୱାଧୀନ ମୂଲ୍ୟାଙ୍କନ ସଂସ୍ଥାଦ୍ୱାରା ସମୀକ୍ଷା କରାଯାଇଥିବା ପ୍ରସ୍ତାବ ଉପରେ ଚଳିତ ଅଧିବେଶନରେ ଆଲୋଚନା କରାଯିବ ଏବଂ ସରକାର ଏହାର ସକାରାତ୍ମକ ଫଳାଫଳ ନେଇ ଆଶା ରଖିଛନ୍ତି । ଛଅଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୟୁନେସ୍କୋ ଆଇ.ସି.ଏଚ୍. ତାଲିକାରେ ଲିପିବଦ୍ଧପାଇଁ

ରାଜ୍ୟଗୁଡ଼ିକ ପକ୍ଷରୁ ଦାଖଲ କରାଯାଇଥିବା ନାମାଙ୍କନଗୁଡ଼ିକର ଯାଞ୍ଚ, ସ୍ଥିତି ସମୀକ୍ଷା କରିବା ଏବଂ ବିରଳ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବା କ୍ଷେତ୍ରରେ ଅନ୍ତର୍ଜାତୀୟ ସହାୟତା ପ୍ରଦାନ କରିବାର ଲକ୍ଷ୍ୟ ରହିଛି ।

ଅଧିବେଶନର ଉଦ୍‌ଘାଟନୀ ସମାରୋହ ଗତକାଲି ନୂଆଦିଲ୍ଲୀର ଲାଲ୍‌କିଲ୍ଲାଠାରେ ଅନୁଷ୍ଠିତ ହୋଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ବିକାଶ ଭି, ବିରାସତ୍ ଭି'ର ମୂଳମନ୍ତ୍ର ହେଉଛି ଆଧୁନିକୀକରଣ ଏବଂ ସହରୀକରଣ ମାଧ୍ୟମରେ ସଂସ୍କୃତିକୁ ଅଧିକ ସୁଦୃଢ଼ କରିବା । ପ୍ରତ୍ୟେକ ପରମ୍ପରା, ସମ୍ପ୍ରଦାୟ ଏବଂ ସଂସ୍କୃତି ଯେପରି ଆଧୁନିକୀକରଣଦ୍ୱାରା ବିଲୁପ୍ତ ନ ହୁଏ, ତାହା ସରକାର ସୁନିଶ୍ଚିତ କରୁଛନ୍ତି । ଶ୍ରୀ ମୋଦି କହିଛନ୍ତି, ଭାରତପାଇଁ ଐତିହ୍ୟ କେବେବି ସ୍ମୃତିର ବିଷୟ ପାଲଟି ନାହିଁ । ଜ୍ଞାନ, ସୃଜନଶୀଳତା ଏବଂ ସମ୍ପ୍ରଦାୟର ନିରନ୍ତର ଧାରା ପ୍ରବାହର ଏହା ଏକ ଜୀବନ୍ତ ପ୍ରବାହିତ ଜଳସ୍ରୋତ ଭାବେ ଗତି କରିଆସୁଛି । ଦେଶର ସଭ୍ୟତା ଯାତ୍ରା, ରୀତିନୀତି, କଳା ଏବଂ କାରିଗରି ଭଳି ଲୋକଙ୍କ ଦୈନନ୍ଦିନ ଅଭିବ୍ୟକ୍ତିରେ ସମୃଦ୍ଧ ହୋଇଥାଏ । ୟୁନେସ୍କୋ ବିରଳ ସାଂସ୍କୃତିକ ଐତିହ୍ୟ ସୁରକ୍ଷାପାଇଁ ଏକ ସହଭାଗୀ ବିଶ୍ୱ ଢାଞ୍ଚା ଗଠନରେ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିଛି । ଭାରତର ଅନେକ କ୍ଷେତ୍ର ଏବଂ ଉପାଦାନ ୟୁନେସ୍କୋ ତାଲିକାରେ ଲିପିବଦ୍ଧ ହୋଇଛି । ବିରଳ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ଲକ୍ଷ୍ୟରେ ଆୟୋଜିତ ଏହି ଅଧିବେଶନରେ ଭାରତପାଇଁ ଏକ

ଗର୍ବର ମୁହୂର୍ତ୍ତ । ପ୍ରାଚୀନ ଐତିହ୍ୟ ଏବଂ ଆଧୁନିକା ଆକାଂକ୍ଷା ମଧ୍ୟରେ ଏହା ଏକ ସେତୁ ଭଳି କାର୍ଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ଉଦ୍‌ଘାଟନୀ ସମାରୋହରେ ବାର୍ତ୍ତା ପ୍ରଦାନ କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏଥିରେ ଯୋଗଦେଇ କହିଛନ୍ତି, ଭାରତ ବିଶ୍ୱବ୍ୟାପୀ ବିରଳ ଐତିହ୍ୟଗୁଡ଼ିକର ସଂରକ୍ଷଣପାଇଁ ଅନେକ କ୍ଷମ ହାତକୁ ନେଇଛି । ବିରଳ ଐତିହ୍ୟଗୁଡ଼ିକର ସଂରକ୍ଷଣ ତଥା ସୁରକ୍ଷା ନେଇ ୟୁନେସ୍କୋ ଗ୍ରହଣ କରୁଥିବା ପଦକ୍ଷେପଗୁଡ଼ଇକୁ ଡକ୍ଟର ଜୟଶଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି ।

ମନ୍ତ୍ରୀ ଶ୍ରୀ ଶେଖାୱତ କହିଛନ୍ତି, ବିରଳ ସାଂସ୍କୃତିକ ଐତିହ୍ୟଗୁଡ଼ିକର ସଂରକ୍ଷଣ କ୍ଷେତ୍ରରେ ଦେଶର ପ୍ରତିବଦ୍ଧତାକୁ ଏଭଳି ଅଧିବେଶନ ଅଧିକ ସୁଦୃଢ଼ କରୁଛି । ଭବିଷ୍ୟତ ପିଢ଼ି ବିଶ୍ୱର ପାରମ୍ପରିକ ଜ୍ଞାନର ଉତ୍ତରାଧିକାରୀ ହେବାରେ ଏହି ଐତିହ୍ୟଗୁଡ଼ିକର ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଶେଖାୱତ କହିଛନ୍ତି ।

## ବନ୍ଦେ ମାତରମ୍ ଡିସ୍‌କସନ୍

ଲୋକସଭାରେ ଆଜି ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଆଲୋଚନା କରାଯିବ ।  ୧୦ ଘଣ୍ଟା ବ୍ୟାପୀ

ହେବାକୁ ଥିବା ଏହି ଆଲୋଚନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କରିବେ । ଭାରତୀୟ ଜନତା ଦଳକୁ ଆଲୋଚନାପାଇଁ ୩ ଘଣ୍ଟା ସମୟ ବଣ୍ଟନ କରାଯାଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ପୂର୍ବରୁ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ, ମଧ୍ୟାହ୍ନ ୧୨ଟାରେ ଆଲୋଚନା ଆରମ୍ଭ ହେବ । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଗୃହରେ ଆସନ୍ତାକାଲି ନିର୍ବାଚନ ସଂସ୍କାର ଉପରେ ଆଲୋଚନା ଅନୁଷ୍ଠିତ ହେବ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

## ଇଣ୍ଡିଆ-ଇୟୁ-ଏଫ୍.ଟି.ଏ.

ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ଆଜି ନୂଆଦିଲ୍ଲୀରେ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହେବ । ଉଭୟ ପକ୍ଷ ମଧ୍ୟରେ ଦୃଢ଼ ତଥା ଦୀର୍ଘକାଳୀନ ଆର୍ଥିକ ସମ୍ପର୍କ ସ୍ଥାପନ ଲକ୍ଷ୍ୟରେ ଏହି ଦୁଇଦିନିଆ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ଭାରତ ବିଶ୍ୱ ବାର୍ଷିକ ସମ୍ମିଳନୀ-୨୦୨୫କୁ ସମ୍ବୋଧନ କରି ୟୁରୋପୀୟ ସଂଘର ରାଷ୍ଟ୍ରଦୂତ ହାର୍ଭେ ଡେଲ୍‌ଫିନ୍ କହିଛନ୍ତି, ଦୁଇପକ୍ଷ ମଧ୍ୟରେ କେତେକ ମୌଳିକ ପ୍ରସଙ୍ଗକୁ ନେଇ ଏହି ଆଲୋଚନା ଅନୁଷ୍ଠିତ ହେବ । ଆଲୋଚନାକୁ ସେ EU-India FTA

ଆଲୋଚନା ଦ୍ୱିତୀୟ ପର୍ଯ୍ୟାୟ ବୋଲି ବର୍ଣ୍ଣନା କରିଛନ୍ତି । ୟୁରୋପୀୟ ସଂଘ ଭାରତର ସର୍ବବୃହତ ବାଣିଜ୍ୟିକ ଅଂଶୀଦାର । ଗତ ଆର୍ଥିକ ବର୍ଷରେ ଦ୍ୱିପାକ୍ଷିକ ସାମଗ୍ରୀ ବାଣିଜ୍ୟ କାରବାର ୧୩୭ ଦଶମିକ ୫ ବିଲିୟନ୍ ଡଲାରରେ ପହଞ୍ଚିଥିଲା ।

## ଗୋଆ ଆରୋଷ୍ଟସ୍

ଗୋଆର ଆର୍‌ପୋରା ନାଇଟ୍ କ୍ଲବ୍‌ର ଜେନେରାଲ୍ ମ୍ୟାନେଜର ଏବଂ ଅନ୍ୟ ୩ ଜଣ କର୍ମଚାରୀଙ୍କୁ ପୁଲିସ୍ ଗିରଫ କରିଛି । ସେଠାରେ ଘଟିଥିବା ଅଗ୍ନିକାଣ୍ଡରେ ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା । ୬ ଜଣ ଆହତଙ୍କର ଚିକିତ୍ସା ଚାଲିଛି । ନାଇଟ୍ କ୍ଲବ୍‌ର ମାଲିକ, ପରିଚାଳକ ଏବଂ କାର୍ଯ୍ୟକ୍ରମ ଆୟୋଜକଙ୍କ ବିରୋଧରେ ମାମଲା ରୁଜୁ ହେବା ପରେ ପୁଲିସ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଗଣମାଧ୍ୟମକୁ ସୂଚନା ଦେଇ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ । ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ଘଟଣାରେ ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମାଜିଷ୍ଟ୍ରେଟ୍, ପୁଲିସ ଓ ଅଗ୍ନିଶମ ବିଭାଗର ଅଧିକାରୀଙ୍କୁ ନେଇ ତଦନ୍ତପାଇଁ ଏକ କମିଟି ଗଠନ କରାଯାଇଛି । ଏକ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ମୁଖ୍ୟମନ୍ତ୍ରୀ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି । ମୃତକଙ୍କ ନିକଟ

ସମ୍ପର୍କୀୟଙ୍କ ଲାଗି ୫ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

## ତେଲଙ୍ଗାନା - ଗ୍ଲୋବାର ସମ୍ମିଟ

ତେଲଙ୍ଗାନାର ହାଇଦ୍ରାବଦାଠାରେ ଆଜିଠାରୁ ଦୁଇଦିନିଆ ରାଇଜିଂ ଗ୍ଲୋବାଲ୍ ସମ୍ମିଳନୀ-୨୦୨୫ ଆରମ୍ଭ ହେଉଛି । ଭାରତ ଫ୍ୟୁଚର ସିଟିଠାରେ ଆରମ୍ଭ ହେଉଥିବା ଏହି ସମ୍ମିଳନୀରେ ବିଶ୍ୱସ୍ତରୀୟ ନେତା, ଶିଳ୍ପ, ଉଦ୍ୟୋଗପତି ଏବଂ ବିଶେଷଜ୍ଞ ଓ ବିଭିନ୍ନ କ୍ଷେତ୍ରର  ଅଂଶୀଦାର ଏଥିରେ ଅଂଶଗ୍ରହଣ କରିବେ । ଶକ୍ତି, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟସେବା ଏବଂ ଷ୍ଟାର୍ଟଅପ୍ ଭଳି ବିଭିନ୍ନ କ୍ଷେତ୍ର ଉପରେ ଆଧାରିତ ୨୭ଟି ଅଧିବେଶନ ଏହି ଅବସରରେ ଅନୁଷ୍ଠିତ ହେବ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ବିଶ୍ୱବ୍ୟାଙ୍କ୍, ଏସୀୟ ଉନ୍ନୟନ ବ୍ୟାଙ୍କ୍ ଏବଂ ୟୁନିସେଫ୍ ଭଳି ପ୍ରମୁଖ ସଙ୍ଗଠନର ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେଉଛନ୍ତି । ଏହି ସମ୍ମିଳନୀ ଅବସରରେ ପ୍ରମୁଖ ଜାତୀୟ ଓ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକ ସହିତ ୩ ଲକ୍ଷ କୋଟି ଟଙ୍କାର ନିବେଶ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାନେଇ ରାଜ୍ୟ ସରକାର ଆଶାବ୍ୟକ୍ତ କରିଛନ୍ତି । ସମ୍ମିଳନୀ ଅବସରରେ ତେଲଙ୍ଗାନା ରାଇଜିଂ-୨୦୪୭ ଭିଜନ ଡକୁମେଣ୍ଟ

ପ୍ରସ୍ତୁତ କରାଯିବ । ପି.ଭି. ସିନ୍ଧୁ ଏବଂ ଅନିଲ୍ କୁମ୍ବଲେଙ୍କ ପରି କ୍ରୀଡ଼ାତାରକା ଏବଂ ପ୍ରମୁଖ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବା ଲାଗି ଆମନ୍ତ୍ରଣ କରାଯାଇଛି ।

## ଭାରତ-ଚୀନ କନ୍ସୁଲେଟ୍

ଚୀନର ସାଙ୍ଘାଇଠାରେ ଭାରତ ଏକ ନୂତନ କନ୍ସୁଲେଟ୍ କାର୍ଯ୍ୟାଳୟ ଆରମ୍ଭ କରିଛି । ଚୀନ୍ ସହିତ ଆର୍ଥିକ ଏବଂ ଜନସମ୍ପର୍କକୁ ସୁଦୃଢ଼ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ । ଚୀନ୍‌ରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ପ୍ରଦୀପ କୁମାର ରାଓ୍ୱତ୍ ଏବଂ କନ୍ସୁଲ୍ ଜେନେରାଲ ପ୍ରତୀକ ମାଥୁର ଏହାର ଉଦ୍‌ଘାଟନୀ ସମାରୋହ ଯୋଗ ଦେଇଥିଲେ । ସାଙ୍ଘାଇର ଚାଙ୍ଗନିଙ୍ଗ ଜିଲ୍ଲାରେ ନିର୍ମିତ ଏହି ନୂତନ ଅତ୍ୟାଧୁନିକ କନ୍ସୁଲେଟ୍ କାର୍ଯ୍ୟାଳୟ ସେବାପ୍ରଦାନକୁ ଉନ୍ନତ କରିବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜବୁତ କରିବ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନ୍ତର୍ଭୁକ୍ତି ବିକାଶର ଦୃଷ୍ଟିକୋଣ ଏହି ପଦକ୍ଷେପଦ୍ୱାରା ପ୍ରତିଫଳିତ ହେଉଛି ବୋଲି ଶ୍ରୀ ରାଓ୍ୱତ୍ କହିଛନ୍ତି । ୩୦ଟି ଦେଶର କନ୍ସୁଲେଟ୍ ଜେନେରାଲ୍ ଏବଂ ୫୦୦ରୁ ଅଧିକ ପ୍ରବାସୀ ଭାରତୀୟ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଭାରତର ସରକାର ଏବଂ ସାଙ୍ଘାଇ କର୍ତ୍ତୃପକ୍ଷଙ୍କୁ ଏହି କାର୍ଯ୍ୟାଳୟ ପ୍ରତିଷ୍ଠାନେଇ

ସହଯୋଗ ପ୍ରଦାନ କରିଥିବାରୁ ଶ୍ରୀ ମାଥୁର କୃତଜ୍ଞତା ଜଣାଇଛନ୍ତି । ସାଙ୍ଘାଇର ପ୍ରମୁଖ କୂଟନୈତିକ, ବ୍ୟବସାୟ ଓ ପରିବହନ କେନ୍ଦ୍ରଗୁଡ଼ିକ ନିକଟରେ ଏହି ନୂତନ କାର୍ଯ୍ୟାଳୟଟି ରହିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ ପବ୍ଲିକ୍ ସ୍ପିକ୍‌ରେ ଆଜି ରାତି ସାଢ଼େ ୯ଟାରେ 'ମିଥ୍ୟା ଖବର ଚିହ୍ନଟ ଏବଂ ଏହାର କୌଶଳ' ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂତନ ମିଡିଆ ପରାମର୍ଶଦାତା ଶାଲି ଇଓମାନ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଫୁଟ୍‌ବଲ୍ - ଏ.ଆଇ.ଏଫ୍.ଏଫ୍. ସୁପର କପ୍

ଏଫ୍.ସି. ଗୋଆ ତୃତୀୟ ଥରପାଇଁ ଏ.ଆଇ.ଏଫ୍.ଏଫ୍. ସୁପର କପ୍ ଟାଇଟଲ୍ ହାସଲ କରିଛି । ଗୋଆର ମାର୍ଗାଓ ସ୍ଥିତ ଫାଟୋର୍ଡା ଷ୍ଟାଡିୟମ୍‌ଠାରେ ଗତକାଲି ଖେଳାଯାଇଥିବା ଏହି ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍‌ରେ ଏଫ୍.ସି. ଗୋଆ ଇଷ୍ଟବେଙ୍ଗଲ୍ ଏଫ୍.ସି.କୁ ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ୬-୫ ଗୋଲ୍‌ରେ ପରାସ୍ତ କରିଛି । ନିର୍ଦ୍ଧାରିତ ତଥା ଅତିରିକ୍ତ ସମୟରେ ମ୍ୟାଚ୍ ଗୋଲ୍‌ଶୂନ୍ୟ ରହିବାରୁ ପେନାଲ୍‌ଟ ସୁଟ୍‌ଆଉଟ୍ ହୋଇଥିଲା । ଏହି ବିଜୟ ସହିତ ୨୦୨୬-୨୭ ଏ.ଏଫ୍.ସି. ଚାମ୍ପିୟାନ୍‌ସ ଲିଗ୍ ଟୁ ପ୍ଲେ-ଅଫ୍ ପ୍ରତିଯୋଗିତାରେ ଏଫ୍.ସି. ଗୋଆ ନିଜର ସ୍ଥାନକୁ ପକ୍କା କରିଛି ।

*****